# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th April - 2025

******************************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଦିଲ୍ଲୀରେ ସାକ୍ଷାତ୍ କରି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ବିଭାଗରେ ସୃଷ୍ଟି ହେଲା ୨୪୭ଟି ପଦବୀ ।

- ଓଡ଼ିଆ ପକ୍ଷର ନବମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି 'ଆସ ବହିଟିଏ କିଣିବା' ଅଭିଯାନ ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ଆଂଚଳିକ ପାଣିପାଗ କେନ୍ଦ୍ର ।

*Desk*

# ମୁଖମନ୍ତ୍ରୀ - ସ୍ୱରାଷ୍ଟ୍ର ମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତ ଅବସରରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ୍ କରି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ରାଜ୍ୟରେ ବର୍ତ୍ତମାନ ବିଚାରାଧୀନ ଥିବା ବିଭିନ୍ନ ମାମଲା, ସଡ଼କ ଦୁର୍ଘଟଣା ହ୍ରାସପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ୱତନ୍ତ୍ର ଭର୍ଟିକାଲ୍ ସ୍ଥାପନ ଓ ସାଇବର ଅପରାଧର ମୁକାବିଲା ପାଇଁ ଥାନା ପ୍ରତିଷ୍ଠା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି :

***Voice** :..........*

*Desk*

# ଫୋରେନ୍‌ସିକ୍ ପଦବୀ

ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ବିଭାଗରେ ସରକାର ନୂତନ ଭାବେ ୨୪୭ଟି ପଦବୀ ସୃଷ୍ଟି କରିଛନ୍ତି। ଗୃହ ବିଭାଗ ପକ୍ଷରୁ  ଏ ନେଇ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ୨୪୭ଟି ପଦବୀ ମଧ୍ୟରୁ ଗୋଟିଏ ଯୁଗ୍ମ ନିର୍ଦ୍ଦେଶକ, ଦୁଇଟି ଉପ ନିର୍ଦ୍ଦେଶକ, ୨୦ଟି ଅତିରିକ୍ତ ନିର୍ଦ୍ଦେଶକ, ୬୫ଟି ବରିଷ୍ଠ ପରୀକ୍ଷଣ ଅଧିକାରୀ, ୭୧ଟି

ପରୀକ୍ଷଣ ଅଧିକାରୀ, ୨୧ଟି ବରିଷ୍ଠ ଫୋରେନ୍‌ସିକ୍ ସହାୟକ ଏବଂ ୬୭ଟି କନିଷ୍ଠ ଫୋରେନ୍‌ସିକ୍ ସହାୟକ ପଦବୀ ଆଦି ରହିଛି ବୋଲି ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ଓଆରଭି ନିୟମ ଅନୁଯାୟୀ, ସରକାରଙ୍କ ନିଯୁକ୍ତି ପ୍ରକ୍ରିୟା  ମାଧ୍ୟମରେ ଏହିସବୁ ପଦବୀ ପୂରଣ କରାଯିବ ବୋଲି ଗୃହବିଭାଗ ପକ୍ଷରୁ ଜଣାପଡିଛି।

***Desk***

## ସୂଚନା କମିଶନର ନିଯୁକ୍ତ

ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଧିକାରୀ ମନୋଜ କୁମାର ପରିଡା ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଓଡ଼ିଶା ହାଇକୋର୍ଟର ଆଇନଜୀବୀ କଳ୍ପନା ପଟ୍ଟନାୟକ, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର ପବିତ୍ର ମଣ୍ଡଳ ସୂଚନା କମିଶନର ଭାବେ ନିଯୁକ୍ତି ପାଇଛନ୍ତି।

***Nayagarh/R***

## ସଚିବ - ସମୀକ୍ଷା

ନୟାଗଡ଼ ଜିଲ୍ଲା ଦାୟିତ୍ୱରେ ଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଓ ଯୁଗ୍ମ ସଚିବ ନେତ୍ରମଣି ପଣ୍ଡା

ଦଶପଲ୍ଲା ଆକାଂକ୍ଷୀ ବ୍ଲକ୍ ପରିଦର୍ଶନ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଖମାରସାହି ପଞ୍ଚାୟତରେ ଜଳଯୋଗାଣ ବ୍ୟବସ୍ଥା, ସେତୁ ନିର୍ମାଣ, ସଡ଼କ ଯୋଗାଯୋଗ ଉପରେ ଶ୍ରୀ ସିଂହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ କପିଳେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଓ ସିମିଳିସାହି ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଖାଦ୍ୟ ଗୁଣବତ୍ତା ଯାଞ୍ଚ୍ କରିଥିଲେ । ଏହାସହ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ହିତାଧିକାରୀମାନଙ୍କୁ ନିୟମିତ ଯୋଗାଣ ସାମଗ୍ରୀ ପ୍ରଦାନ ଉପରେ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ ।

***Desk***

# ଆର୍.ବି.ଆଇ. ପିଲିସି

ଭାରତୀୟ ରିଜର୍ଭବ୍ୟାଙ୍କ-ଆର୍.ବି.ଆଇ. ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଫଳରେ ଏହା ୬ ପ୍ରତିଶତରେ ପହଞ୍ଚିଛି । କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି। ମୁମ୍ବାଇଠାରେ ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରି କହିଛନ୍ତି, ଚଳିତ ଆର୍ଥିକବର୍ଷର ପ୍ରଥମ ମୁଦ୍ରାନୀତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଫଳରେ ଆଗାମୀ ଦିନରେ ଗୃହ ଓ ଗାଡି ଋଣର ଇଏମ୍‌ଆଇ ହ୍ରାସ ପାଇବ।

ଚଳିତ ଆର୍ଥିକବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତ ରହିବ ବୋଲି ମଧ୍ୟ ଆକଳନ କରାଯାଇଛି । ସୂଚନାଯୋଗ୍ୟ ଗତ ସୋମବାରଠାରୁ

ମୁମ୍ବାଇରେ ଆରମ୍ଭ ହୋଇଥିବା ୩ ଦିନିଆ ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ବୈଠକ ଆଜି ଶେଷ ହୋଇଛି ।

*Desk, Deogarh, Gajapati, Nabarangpur/R*

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ୨୦୨୫ ପାଳନର ନବମ ଦିନରେ ଆଜି 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯାଇଛି। ଆଜିର ଦିନରେ ନିଜେ ବହିଟିଏ କିଣିବା ସହ ଅନ୍ୟମାନଙ୍କୁ କିଣିବା ପାଇଁ ସଚେତନ କରି ଏହି ଅଭିଯାନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଥିଲେ। ଲେଖକ ଏବଂ ପାଠକର ସମ୍ପର୍କକୁ ନିବିଡ଼ କରିବା ସହ ବହି ପଢ଼ିବା ନେଇ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଏହି ଅଭିଯାନ ପାଳନ କରାଯାଇଛି।

ଦେବଗଡ଼ ଜିଲ୍ଲାରେ 'ଆସ ବହିଟିଏ କିଣିବା' ଅଭିଯାନକୁ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଶୁଭାରମ୍ଭ କରିଥିଲେ । ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଏହି ଅଭିଯାନରେ ସାମିଲ୍ ହୋଇ ବହି କିଣିଥିଲେ ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ଅଭିଯାନକୁ ଜିଲ୍ଲାପାଳ ବିଜୟ କୁମାର ଦାସ ଶୁଭାରମ୍ଭ କରି 'ଆସ ବହିଟିଏ କିଣିବା' 'ଆମ ମାତୃଭାଷା ଆମ ସ୍ୱାଭିମାନ'କୁ ବଳବତ୍ତର କରିବାପାଇଁ ଓଡ଼ିଆ

କବି, ଲେଖକମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଓଡ଼ିଆ ଭାଷାର ଧର୍ମୀୟ ସାହିତ୍ୟ, ଭାଗବତ, ପୁରାଣ ଆଦି ପୁସ୍ତକ କ୍ରୟ କରିଥିଲେ ।

ନବରଙ୍ଗପୁର ସ୍ନାତକ ମହାବିଦ୍ୟାଳୟଠାରେ ଏହି ଅବସରରେ ପୁସ୍ତକ ପଠନର ଉପାଦେୟତା ଓ ସାମ୍ପ୍ରତିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଓଡ଼ିଆ ଭାଷାରେ ଲିଖିତ ପୁସ୍ତକ ପଠନଦ୍ୱାରା ବିଦ୍ୟାର୍ଥୀମାନଙ୍କର ନିଜ ମାତୃଭାଷା ପ୍ରତି ଅଧିକ ଆତ୍ମୀୟତା ସୃଷ୍ଟି ହେବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ କହିଥିଲେ ।

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏହି ଅଭିଯାନକୁ ନେଇ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ସାହିତ୍ୟ ଓ ସାରସ୍ୱତ ଜଗତପାଇଁ ଆଜିର ଦିନକୁ ଉତ୍ସର୍ଗୀକୃତ କରିବାପାଇଁ ଆହ୍ୱାନ ଦେଇଥିଲେ ।

ଆସନ୍ତାକାଲି ଓଡ଼ିଆ ପକ୍ଷର ଦଶମ ଦିନରେ ଓଡ଼ିଶାର ଲୋକକଳାକୁ ବିଶ୍ୱବିଦିତ କରିବାପାଇଁ ଲୋକକଳାପାଇଁ ଦିନଟିଏ ଉତ୍ସବ ପାଳିତ ହେବ ।

*Nabarangpur/R*

# ଦିବ୍ୟାଙ୍ଗ ଉପକରଣ ବଣ୍ଟନ

ନବରଙ୍ଗପୁର ଜିଲ୍ଲା ଆକାଂକ୍ଷୀ ବ୍ଲକ୍ ଡାବୁଗାଁରେ ଦିବ୍ୟାଙ୍ଗ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜିକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀଚାଳିତ ହ୍ୱିଲ୍ ଚେୟାର୍, ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ସ୍ମାର୍ଟଫୋନ୍, ମାନସିକ ଅନଗ୍ରସର ଶିଶୁମାନଙ୍କୁ ସ୍ୱତନ୍ତ୍ର ଶିକ୍ଷଣ ସାମଗ୍ରୀ ଆଦି ବଣ୍ଟନ କରିଥିଲେ ।

*Deogarh/R*

# କମିଶନର - ସମୀକ୍ଷା

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ରାମଚନ୍ଦ୍ର ଯାଦବ ଦେବଗଡ଼ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଲୋକାଭିମୁଖୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମ୍ୟୁଜିୟମ୍, ପ୍ରଧାନପାଟର ଉନ୍ନତୀକରଣ, ବସନ୍ତ ନିବାସ ଓ ଲଳିତ ବସନ୍ତ ଆଦି ବୁଲି ଦେଖିବା ସହିତ ଏହାର ଉନ୍ନତୀକରଣ ଉପରେ ଶ୍ରୀ ଯାଦବ ଗୁରୁତ୍ୱ ଦେଇଥିଲେ । ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ଯାଦବ

ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ।

***Desk***

# ରୁକୁଣା ରଥ

ମହାପ୍ରଭୁ ଲିଙ୍ଗରାଜଙ୍କର ଆଜି ବାହୁଡା ଯାତ୍ରା ଅନୁଷ୍ଠିତ ହେଉଛି। ମଙ୍ଗଳଆଳତୀ, ଅବକାଶ, ରୋଷହୋମ, ପାକକାର୍ଯ୍ୟ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ପହଣ୍ଡି କରାଯାଇ ମହାପ୍ରଭୁ ଲିଙ୍ଗରାଜଙ୍କ ରଥଟଣା ଅପରାହ୍ଣ ସାଢ଼େ ୩ଟାରୁ ଆରମ୍ଭ ହୋଇଛି । ଅଶୋକାଷ୍ଟମୀ ତିଥିରେ ମହାପ୍ରଭୁ ଲିଙ୍ଗରାଜ ଭଉଣୀ ମା' ରୁକ୍ମଣୀ ଓ ପ୍ରଭୁ ଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ରୁକୁଣା ରଥରେ ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ।

***Bhadrak/R***

# ମହାବିଦ୍ୟାଳୟ - ବାର୍ଷିକୋତ୍ସବ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଯୋଗଦେଇ କହିଛନ୍ତି, ଛାତ୍ରଛାତ୍ରୀମାନେ ଅର୍ଥାଭାବରୁ ଉଚ୍ଚଶିକ୍ଷାରୁ ବଞ୍ଚିତ

ହେବେ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଗତିରେ ଏହା ବିଶେଷ ସହାୟକ ହେବ ବୋଲି ଶ୍ରୀ ସୂରଯ କହିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ପ୍ରତିଷ୍ଠାପାଇଁ ମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

***Nayagarh/R***

## ହାଇସ୍କୁଲ୍ ବାର୍ଷିକୋତ୍ସବ

ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦର ପିଏମ୍‌ଶ୍ରୀ ବଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ୍‌ର ବାର୍ଷିକୋତ୍ସବରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଡିଜିଟାଲ୍ ଶିକ୍ଷାର ଗୁରୁତ୍ୱ ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଶ୍ରେଷ୍ଠ ନାଗରିକ ଭାବେ ଗଢ଼ିବାରେ ଶିକ୍ଷକମାନଙ୍କର ଅବଦାନ ପ୍ରଶଂସନୀୟ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ । ସାଂସଦ ସମ୍ବିତ ପାତ୍ର, ବିଧାୟକ ରବିନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

***Nuapada/R***

# ଫୁଟ୍‌ବଲ୍

ନୂଆପଡ଼ାଠାରେ ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଆନ୍ତଃକ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ମାରାଗୁଡ଼ା ଫୁଟ୍‌ବଲ୍ କ୍ଲବ୍ ଓ ନୁଆପଡ଼ା ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏଁ ଗୋଲ୍ କରି ମ୍ୟାଚ୍ ଡ୍ର ରଖାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର,

ଦେବଗଡ଼, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୁଳ, ଢେଙ୍କାନାଳ ଆଦି ୧ ୯ଟି ଜିଲ୍ଲାରେ ବର୍ଷା ସହ ଘଡଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****